# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**13 August - 2024**

**News Editor : *Itishree Singh Rathaur***

## ମୁଖ୍ୟମନ୍ତ୍ରୀ-ନୂଆଦିଲ୍ଲୀ ଗସ୍ତ ବୈଠକ

ନୂଆଦିଲ୍ଲୀ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଆଜି ପୂର୍ବାହ୍ନରେ ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ହେବାକୁ ଥିବା ଜାତୀୟ ରାଜପଥ ନିର୍ମାଣ ସମୀକ୍ଷା ବୈଠକରେ ଯୋଗଦେବେ । ମୁଖ୍ୟମନ୍ତ୍ରୀ ଆସନ୍ତାକାଲି ପୂର୍ବାହ୍ନରେ ଭୁବନେଶ୍ୱର ଫେରିବାର କାର୍ଯ୍ୟସୂଚୀ ରହିଛି ।

## ଧର୍ମେନ୍ଦ୍ର ପ୍ରଧାନ

ଦେଶର ସମସ୍ତ ୫୮ ହଜାର ଉଚ୍ଚଶିକ୍ଷାନୁଷ୍ଠାନ ଗୁଡ଼ିକୁ ର୍‍ୟାଙ୍କିଙ୍ଗ ଓ ରେଟିଙ୍ଗ ଫ୍ରେମ୍‌ୱାର୍କକୁ ଆଣିବା ଜରୁରୀ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁସେନ ର୍‍ୟାଙ୍କିଙ୍ଗ ଫେମ୍‌ୱାର୍କ ଅନ୍ତର୍ଗତ ଇଣ୍ଡିଆ ର୍‍ୟାଙ୍କିଙ୍ଗର ନବମ ସଂସ୍କରଣକୁ ଉନ୍ମୋଚନ କରି ସେ କହିଛନ୍ତି ର୍‍ୟାଙ୍କିଙ୍ଗ ରେଟିଙ୍ଗ ଓ ମାନ୍ୟତା ଜାତୀୟ ଶିକ୍ଷାନୀତିର ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ । ଶ୍ରୀ ପ୍ରଧାନ ବିକଶିତ ଭାରତର ଲକ୍ଷ୍ୟକୁ ସାକାର କରିବା ପାଇଁ ଶିକ୍ଷାଗତ ଉତ୍କର୍ଷର ବାତାବରଣ ସୃଷ୍ଟି କରିବାକୁ ସମସ୍ତଙ୍କୁ ଆହ୍ୱାନ ଜଣାଇଛନ୍ତି ।

## ଭୂମିହୀନଙ୍କୁ ଜମି ପ୍ରଦାନ

ରାଜ୍ୟର ଭୂମିହୀନ ଓ ବାସହୀନ ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ଚିହ୍ନଟ କରି ସେମାନଙ୍କୁ ଜମି ଏବଂ ଗୃହ ଯୋଗାଇବା ପାଇଁ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିବାକୁ ସମସ୍ତ ଜିଲ୍ଲାପାଳଙ୍କୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଚିଠି ଲେଖିଛନ୍ତି । ଚିଠିରେ ସେ ଉଲ୍ଲେଖ କରିଛନ୍ତି ଅନେକ ଭିନ୍ନକ୍ଷମ ବ୍ୟକ୍ତି, ଭୂମିହୀନ ଓ ବାସହୀନ ଅଛନ୍ତି । ସେମାନଙ୍କୁ ଜମି ଓ ଘର ଆବଣ୍ଟନରେ ଅଗ୍ରାଧିକାର ଦିଆଯିବା ଆବଶ୍ୟକ ବୋଲି ମନ୍ତ୍ରୀ ଉଲ୍ଲେଖ କରିଛନ୍ତି ।

## ଗୃହନିର୍ମାଣ ବୋର୍ଡର ସମୀକ୍ଷା

ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ପାତ୍ର ଓଡ଼ିଶା ରାଜ୍ୟ ଗୃହନିର୍ମାଣ ବୋର୍ଡର ସମୀକ୍ଷା କରିଛନ୍ତି । ଭୁବନେଶ୍ୱର ଖାରବେଳ ଭବନଠାରେ ଅନୁଷ୍ଠିତ ବୈଠକରେ ବୋର୍ଡର ସ୍ଥିତି, ଆଗାମୀ ଯୋଜନା ଆଦି ସମ୍ପର୍କରେ ଆଲୋଚନା କରାଯାଇଛି । ବୈଠକରେ ମନ୍ତ୍ରୀ ବୋର୍ଡ ପ୍ରକଳ୍ପ ଅଞ୍ଚଳକୁ ଜବରଦଖଲରୁ ତୁରନ୍ତ ମୁକୁଳାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସୂଚନା ଅନୁସାରେ ଆଗାମୀ ଦିନରେ ସହରାଞ୍ଚଳରେ ସମସ୍ତଙ୍କ ପାଇଁ ଘର ଯୋଜନାରେ ୫୦ହଜାର ପ୍ଲଟ ଓ ଘର ଯୋଗାଇବାର ଲକ୍ଷ୍ୟ ରଖାଯାଇଛି । ୨୧ଟି ଜିଲ୍ଲାରେ ଗୃହନିର୍ମାଣ ବୋର୍ଡର ଉପସ୍ଥିତି ରହିଛି । ବୋର୍ଡ ତରଫରୁ ବର୍ତ୍ତମାନ ସୁଦ୍ଧା ୩୨ହଜାର ୩୪୩ଟି ବାସଗୃହ ଓ ପ୍ଲଟ ବିକଶିତ କରାଯାଇଛି ।

# ଉପନିର୍ବାଚନ

ରାଜ୍ୟର ୭ଟି ପଞ୍ଚାୟତ ସମିତି ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ପଦ ପାଇଁ ଉପ ନିର୍ବାଚନ ଅନୁଷ୍ଠିତ ହେବ । ବିଜ୍ଞପ୍ତି ଅନୁଯାୟୀ ଗଞ୍ଜାମ ଜିଲ୍ଲାର କବିସୂର୍ଯ୍ୟନଗର, ଖଲ୍ଲିକୋଟ, କୁକୁଡାଖଣ୍ଡି, କଳାହାଣ୍ଡି ଜିଲ୍ଲାର ନର୍ଲା, ନବରଙ୍ଗପୁର ଜିଲ୍ଲାର ରାଇଘର ଏବଂ ନୟାଗଡ ଜିଲ୍ଲାର ଭା'ପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦ ପାଇଁ ଉପ ନିର୍ବାଚନ ହେବ । ଏହାବ୍ୟତୀତ ବୌଦ୍ଧ ଜିଲ୍ଲାର ହରଭଙ୍ଗା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ପଦ ପାଇଁ ଉପ ନିର୍ବାଚନ ଅନୁଷ୍ଠିତ ହେବ । ଏନେଇ ଆସନ୍ତା ୧୪ ତାରିଖରେ ବ୍ଲକ କାର୍ଯ୍ୟାଳୟରେ ବିଜ୍ଞପ୍ତି ପ୍ରକାଶ ପାଇବ ।

## ବିଧାୟକଙ୍କୁ ତାଲିକ ପ୍ରଦାନ

ରାଜ୍ୟରେ ନବନିର୍ବାଚିତ ବିଧାୟକମାନଙ୍କୁ ଆସନ୍ତା ୧୭ ଓ ୧୮ ତାରିଖରେ ପ୍ରଶିକ୍ଷଣ ପ୍ରଦାନ ପାଇଁ ଏକ କର୍ମଶାଳା ଅନୁଷ୍ଠିତ ହେବ । ଏହି ତାଲିମ କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଏବଂ କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଉଦ୍‌ଘାଟନ କରିବେ । ବିଧାନସଭାର କାର୍ଯ୍ୟପ୍ରଣାଳୀ, ବିଧାୟକମାନଙ୍କର ଭୂମିକା, ଗୃହରେ ଆଚରଣ ଓ ଉଚ୍ଚାରଣ ଆଦି ସମ୍ପର୍କରେ ଶ୍ରୀ ରିଜିଜୁ ନୂଆ ବିଧାୟକମାନଙ୍କୁ ପରାମର୍ଶ ଦେବେ ବୋଲି ଜଣାପଡିଛି । ସେହିପରି ସଂସଦ ସଦସ୍ୟ ଭର୍ତ୍ତୃହରି ମହତାବ ମଧ୍ୟ ବିଧାୟକମାନଙ୍କୁ ବିଧାନସଭାର କାର୍ଯ୍ୟପ୍ରଣାଳୀ

ସମ୍ପର୍କରେ ତାଲିମ ପ୍ରଦାନ କରିବେ। ସୂଚନାଯୋଗ୍ୟ ଚଳିତଥର ବିଧାନସଭାକୁ ୮୪ଜଣ ନୂଆ ବିଧାୟକ ନିର୍ବାଚିତ ହୋଇଛନ୍ତି ।

## ଫସଲ ପାଣିପାଗ ତଦାରଖ କମିଟି ବୈଠକ

କୃଷି ବିଭାଗର ପ୍ରମୁକ ସଚିବ ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଫସଲ ପାଣିପାଗ ତଦାରଖ କମିଟି ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ଆଞ୍ଚଳିକ ଭାଷାରେ କୃଷି ପରାମର୍ଶ ଜାରି କରିବାକୁ ପ୍ରମୁଖ ସଚିବ ପରାମର୍ଶ ଦେଇଛନ୍ତି । ସେହିଭଳି ବିଭିନ୍ନ ଜିଲ୍ଲାରେ ଅପମିଶ୍ରିତ ସାର ବିକ୍ରିକୁ ରୋକିବା ଦିଗରେ ପଦକ୍ଷେପ ନିଆଯିବ । ପ୍ରଧାନମନ୍ତ୍ରୀ ଫସଲ ବୀମାର ପଞ୍ଜିକରଣର ସମୟସୀମା ବୃଦ୍ଧି କରିବା ନେଇ ମଧ୍ୟ ବୈଠକରେ ଆଲୋଚନା ହୋଇଛି । ସୂଚନା ଅନୁସାରେ ଚଳିତ ଖରିଫ୍ ଋତୁରେ ସରକାର ୬୦ ଦଶମିକ ୪/୬ ଲକ୍ଷ ହେକ୍ଟର ଜମିରେ ଚାଷଲାଗି ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି ।

## ବିଶ୍ୱ ଅଙ୍ଗଦାନ ଦିବସ

ଅଙ୍ଗଦାନର ମହତ୍ୱ ବିଷୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱ ଅଙ୍ଗଦାନ ଦିବସ ପାଳନ କରାଯାଉଛି । ଅଙ୍ଗଦାନକୁ ନେଇ ଲୋକଙ୍କ ମନରେ ଥିବା ଭ୍ରାନ୍ତଧାରଣା ଦୂର କରିବା ହେଉଛି ଏହି ଦିବସର ଅନ୍ୟତମ ଲକ୍ଷ୍ୟ । ସମ୍ପୂର୍ଣ୍ଣ ସୁସ୍ଥ ଥିବା ୧୮ରୁ ୬୫ ବର୍ଷ ବୟସ୍କ ବ୍ୟକ୍ତି ସ୍ୱଇଚ୍ଛାରେ

ଅଙ୍ଗଦାନ କରିପାରିବେ । ସୂଚନା ଅନୁସାରେ ରାଜ୍ୟର ୧୨ଟି ହସ୍ପିଟାଲକୁ ଅଙ୍ଗ ପ୍ରତିରୋପଣ ନିମନ୍ତେ ସରକାରୀ ସ୍ୱୀକୃତି ମିଳିଛି ।

## ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୬ଟି ଜିଲ୍ଲା ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ, ଝାରସୁଗୁଡା, ସମ୍ବଲପୁର ଓ ବରଗଡ଼ ପାଇଁ ସତର୍କ ସୂଚନା ଜାରି କରାଯାଇଛି । ଗତକାଲି କେନ୍ଦ୍ରାପଡାରେ ସର୍ବାଧିକ ୫୫ ମିଲିମିଟର ବର୍ଷା ରେକର୍ଡ କରାଯାଇଛି ।